**Career Counselling Programme** held on **3rd January 2020**







CAREER COUNSELING PROGRAMME
Organized by
A World Bank Assisted Project
Time: - 11.00 AM to 2.00PM


CAREER COUNSELING PROGRAMME
Organized by
Career Counseling Cell
Gunupur Degree College, Gunupur
Sponsored By
Department of Higher Education, Govt. of Odisha
(Odisha Higher Education Programme for Equity & Excellence)
A World Bank Assisted Project
Date:- 03.01.2020
Time: - 11.00 AM to 2.00PM

# କଲେଜରେ ବୃତ୍ତିଗତ ସଚେତନତା ଶିବିର

ଗୁଣପୁର,୩୧୧(ଆପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କର୍ଷତା ଓ ସମାନତା ଉଦ୍ଦେଶ୍ୟରେ ଶୁକ୍ରବାର ଏଠାରେ ଏକ ବୃତ୍ତିଗତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗୁଣପୁର କଲେଜ ପରିସରରେ ଏହାର ଆୟୋଜନ କରାଯାଇଥିଲା । ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟକ୍ରମ ହୋଇଥିଲା । କଲେଜ ଅଧ୍ୟକ୍ଷ ଡଃ ବାମାଦେବ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ପରାମର୍ଶ ଦାତାଭାବେ ଏସ୍‌ବିଆଇ, ଗୁଣପୁର ଶାଖା ମୁଖ୍ୟ ପରିଚାଳକ ସିଦ୍ଧାର୍ଥ ମଇତି ଯୋଗ ଦେଇଥିଲେ । ଉଚ୍ଚ ଶିକ୍ଷା ସହ କ୍ୟାରିୟର ଗଠନ ନିମନ୍ତେ ବ୍ୟାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା ଓ ଋଣ ସମ୍ପର୍କରେ ଶ୍ରୀ ମଇତି ଆଲୋକପାତ କରିଥିଲେ । ଅନ୍ୟତମ ପରାମର୍ଶ ଦାତାଭାବେ ଆଇପିଓ ଅନାମ ଗୌଡ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର କର୍ମ ନିଯୁକ୍ତି ଓ ଆତ୍ମ ନିଯୁକ୍ତି ସହ ଉଦ୍ୟୋଗୀ ହେବା ପାଇଁ ଶ୍ରୀ ଗୌଡ ବିଭିନ୍ନ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଜ୍ୟୋତିର୍ମୟୀ ମିଶ୍ର, ବିଶ୍ୱବ୍ୟାଙ୍କ ପ୍ରଯୋଜିତ ଅନୁଷ୍ଠାନ ଉନ୍ନତି ପ୍ରକଳ୍ପ ସଂଯୋଜକ ପ୍ରାଧ୍ୟାପକ ଡଃ ଏସ.ଏନ.ପଣ୍ଡା, ସହ ସଂଯୋଜକ ଶଶିଭୂଷଣ ମହନ୍ତି, ଶିବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ସଞ୍ଜିତ ପାଣି, ଗାର୍ଗୀ ପାଣିଗ୍ରାହୀ, ଅସ୍ମିତା କର ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ । ଅଧ୍ୟାପକ ରାମଚନ୍ଦ୍ର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।